
ତାଳଚେର ସହରରେ ଭସାଣି ଶୋଭାଯାତ୍ରା ବେଳେ ହେଉଥିବା ଲୋକନୃତ୍ୟ ଦେଖିବାକୁ ଦର୍ଶକଙ୍କ ପ୍ରବଳ ଭିଡ଼ ଲାଗିଛି।


ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଏକ ମେଢ଼ ସହର ପରିକ୍ରମା କରୁଛି।

# ଭସାଣି ସହ ଶେଷହେଲା ଗଣପର୍ବ

- ୧୧ ଦିନ ଧରି ତାଳଚେରରେ ଚାଲିଥିଲା ପୂଜା
- ୮.୭୦ ଲକ୍ଷ ଟଙ୍କାରେ ନିଲାମ ହେଲା ଆଙ୍ଖାଲଡ୍ଡୁ
- ଘଣ୍ଟ ଓ ଭଲିକି ଭଲି ବାଦ୍ୟରେ କମ୍ପିଲା ସହର

ତାଳଚେର, ୧୦।୯(ନି.ପ୍ର.)

ଶେଷ ହୋଇଛି ତାଳଚେର ଗଣପର୍ବ। ଶନିବାର ଆକର୍ଷଣୀୟ ଭସାଣି ଶୋଭାଯାତ୍ରାରେ ବିଦାୟ ଦିଆଯାଇଛି ବିଘ୍ନରାଜଙ୍କୁ। ଘଣ୍ଟ, ଶଙ୍ଖ ଓ ଭଲିକି ଭଲି ବାଦ୍ୟ ସହ ବିଭିନ୍ନ ସାଂସ୍କୃତିକ ଦଳ, ଲୋକନୃତ୍ୟରେ ଦୁଲୁକି ଉଠିଥିଲା ସମଗ୍ର ତାଳଚେର ସହର। ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା ଶୋଭାଯାତ୍ରାରେ। ସକାଳୁ ଆରମ୍ଭ ହୋଇଥିବା ଏହି ଭସାଣି ବିଳମ୍ବିତ ରାତି ଯାଏ ଚାଲିଥିଲା। ବ୍ରାହ୍ମଣୀ ନଦୀର ଅସ୍ଥାୟୀ ପୋଖରୀରେ ମେଢ଼ଗୁଡ଼ିକ ବିସର୍ଜନ ପରେ ୧୧ ଦିନ ଧରି ଚାଲିଥିବା ତାଳଚେରର ଗଣପର୍ବ ସମାପ୍ତ ହୋଇଥିଲା।

ଭସାଣି ପାଇଁ ପୂର୍ବାହ୍ନରୁ ଆରମ୍ଭ ହୋଇଥିଲା ସମସ୍ତ ପ୍ରସ୍ତୁତି। ବଡ଼ଦାଣ୍ଡସ୍ଥିତ ମେଳଣ ପଡିଆଠାରେ ଏ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। କେନ୍ଦ୍ରୀୟ ପୂଜା କମିଟି ସଭାପତି କେଶବ ଭୂତିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଶେଷ ଅତିଥି ଭାବେ ଉପ ବାଚସ୍ପତି ରଜନୀକାନ୍ତ ସିଂହ, ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ଜୟନ୍ତ ଭୂତିଆ, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଅଶୋକ ଶତପଥୀ, ରମେଶ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଦେବୀ ମିଶ୍ର ଓ ଋଷିକେଶ ସାହୁଙ୍କ ଦ୍ୱାରା ଆଙ୍ଖାଲଡ୍ଡୁ ନିଲାମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କଣିହାଁର ଲାଲବାଗ ରାଜା ଲଡ୍ଡୁ ଓ ଆଙ୍ଖାମାଳକୁ ୮ ଲକ୍ଷ ୭୦ ହଜାର ଟଙ୍କାରେ ନିଲାମ ନେଇଥିଲେ। ଏହାପରେ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ମେଳଣ ପଡିଆରେ ୨୬ଟି ମେଢ଼ ଅପେକ୍ଷା କରିଥିବା ବେଳେ ଲଟେରି ମାଧ୍ୟମରେ କ୍ରମିକ ସଂଖ୍ୟା ସ୍ଥିର ହେବା ପରେ ସହରରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକକଳା, ଲୋକନୃତ୍ୟ ଦଳ ସହ ଭଲିକି ଭଲି ବାଦ୍ୟ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଭସାଣିକୁ ଶାନ୍ତିଶୃଙ୍ଖଳାରେ ସମାପନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।


ଭସାଣି ଶୋଭାଯାତ୍ରାରେ ଯାଉଥିବା ଏକ ମେଢ଼।


ବିସର୍ଜନ ପାଇଁ ଜଳାଶୟ ଅଭିମୁଖେ ଏକ ମେଢ଼କୁ ଶୋଭାଯାତ୍ରାରେ ନିଆଯାଉଛି।


ମଞ୍ଚ ଉପରେ କର୍ମକର୍ତ୍ତାମାନେ।


ନିଲାମ ବେଳେ ଆଙ୍ଖାଲଡ୍ଡୁକୁ କ୍ରେନ୍ ଦ୍ୱାରା ଉଠାଯାଉଛି।


ଶୋଭାଯାତ୍ରା ପୂର୍ବରୁ ମେଳଣ ପଡିଆଠାରେ ମଞ୍ଚ ଉପରେ ଅତିଥି ଓ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାମାନେ।


ଶୋଭାଯାତ୍ରାବେଳେ ସମରକଳା ପ୍ରଦର୍ଶନ କରାଯାଉଛି।


ସାଧୁବେଶଧାରୀ ନିଆଁ ଫୁଙ୍କୁଥିବା ବେଳେ ଦର୍ଶକଙ୍କ ପ୍ରବଳ ଭିଡ଼।


ଭସାଣି ଶୋଭାଯାତ୍ରା ବେଳେ ପରିବେଷିତ ଲୋକକଳା।



ଶୋଭାଯାତ୍ରା ସମୟରେ ମେଢ଼ ଆଗରେ ଯାଉଥିବା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।


ସଙ୍ଗୀତର ତାଳେ ତାଳେ ନୃତ୍ୟ କରୁଥିବା ସହରବାସୀ।

# ମୂର୍ତ୍ତି, ଆଲୋକସଜ୍ଜା ପ୍ରମୁଖ ଆକର୍ଷଣ

**ମଣ୍ଡପରେ ବିରାଜିବେ ମହିଷମର୍ଦ୍ଦିନୀ ମା' ଦୁର୍ଗା। ଦୀର୍ଘ ଦୁଇବର୍ଷର ଅନ୍ତରାଳରେ ଶ୍ରଦ୍ଧାଳୁଙ୍କ ସମାଗମରେ ହେବ ପୂଜାର୍ଚ୍ଚନା। ସୁଦୃଶ୍ୟ ମେଢ଼, ସୁଉଚ୍ଚ ତୋରଣ, ସୁନ୍ଦର ଆଲୋକମାଳିରେ ଚମକି ଉଠିବ ପରିବେଶ। ଏହାକୁ ନେଇ ଆରମ୍ଭ ହୋଇଛି ପ୍ରସ୍ତୁତି। ନିର୍ଦ୍ଧାରିତ ସମୟ ପୂର୍ବରୁ ମୃଣ୍ମୟୀ ପ୍ରତିମା, ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ ଯେପରି ଶେଷ ହେବ, ସେହି କାର୍ଯ୍ୟରେ ନିମଗ୍ନ ଶିଳ୍ପୀ। ଭୁବନର ପ୍ରସିଦ୍ଧ ଦଶହରା ମହୋତ୍ସବ ଓ ବଳଦ ଯାତ୍ରା ପାଇଁ ପ୍ରସ୍ତୁତି ଆଗେଇ ଚାଲିଥିବାବେଳେ ଏଥିରେ ସାମିଲ ହୋଇଛି ହରପାର୍ବତୀ ପୂଜା କମିଟି, ଯାହାକୁ ନେଇ କର୍ମକର୍ତ୍ତାଙ୍କ ମଧ୍ୟରେ ସୃଷ୍ଟି ହୋଇଛି ବିପୁଳ ଉତ୍କଣ୍ଠା, ଉତ୍ସାହ ଓ ଉନ୍ମାଦନା।**






ଭୁବନ, ୧୦।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନର ବିଶ୍ୱପ୍ରସିଦ୍ଧ ବଳଦଯାତ୍ରା ଏବଂ ଦଶହରା ଦୁର୍ଗାପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି ହରପାର୍ବତୀ ପୂଜା କମିଟି। ଦୁର୍ଗାଛକ, ଗୁଜ୍ଜୁରୀହାଟ ପରେ ସହରର ଏହି ୩ନଂ. ମେଢ଼ ଚଳିତବର୍ଷ ୨୪ବର୍ଷରେ ପଦାର୍ପଣ କରୁଛି। ମୂର୍ତ୍ତି, ଆଲୋକ ସାଜସଜ୍ଜା, ପାରମ୍ପରିକ ପୂଜାକୁ କମିଟି ପକ୍ଷରୁ ପ୍ରାଥମିକତା ଦିଆଯାଉଛି। ୭ଦିନ ବ୍ୟାପୀ ହେଉଥିବା ପୂଜାର ବିଭିନ୍ନ ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

ଭୁବନରେ ଚଳିତବର୍ଷ ୧୩ଟି ମେଢ଼ ହେଉଥିବାବେଳେ କେବଳ ସେଣସାହି ଓ ହରପାର୍ବତୀ ପୂଜା ପ୍ରତିଷ୍ଠାନରେ ଦେବଦେବ ମହାଦେବ, ମା'ପାର୍ବତୀଙ୍କ ସମେତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇଥାଆନ୍ତି। ଅଞ୍ଚଳର ୧୯୮୯ ବ୍ୟାଚ୍‌ର ମାଟ୍ରିକ୍ ଛାତ୍ରୀଛାତ୍ରମାନେ ଏହାର ଆରମ୍ଭ କରିଥିଲେ। ଏଥିଲାଗି ୫୦ରୁ ଊର୍ଦ୍ଧ୍ୱ ପିଲା ଜଣକ ପିଛା ସଂଗ୍ରହ କରିଥିଲେ ୩୦୦ ଟଙ୍କା। ମାତ୍ର ୨୦ରୁ ୨୫ ହଜାର ଟଙ୍କାରେ ଆରମ୍ଭ ହୋଇଥିବା ଏହି ମେଢ଼ରେ ଏବେ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା। ତେବେ କରୋନା ପାଇଁ ଆୟ ପ୍ରଭାବିତ ହୋଇଥିବାବେଳେ ଚଳିତ ବର୍ଷ ବଜେଟ କମାଯାଇ ୩ ଲକ୍ଷ ଟଙ୍କା ରଖାଯାଇଛି। ଏହି ଅର୍ଥରେ ମୂର୍ତ୍ତି, ମେଢ଼, ଆଲୋକ ସାଜସଜ୍ଜା, ପୂଜାର୍ଚ୍ଚନା, ଭସାଣି ଅନୁଷ୍ଠିତ ହେବ। ଏଥିସହ ଚଳିତବର୍ଷ ଦରିଦ୍ର ନାରାୟଣ ସେବା ଏବଂ ଅସହାୟଙ୍କୁ ବସ୍ତ୍ରଦାନ କାର୍ଯ୍ୟକ୍ରମ ରହିଛି। ତେବେ ସଦସ୍ୟମାନେ ଦୂରଦୂରାନ୍ତରେ ରହୁଥିବାରୁ ସେମାନେ ଆସିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

ପୂଜା ପ୍ରତିଷ୍ଠାନ ପକ୍ଷରୁ ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦିଆଯାଉଛି। ଠାକୁରଙ୍କ ନିକଟରେ ନିସଙ୍ଖୁଡ଼ି ଭୋଗ ଲାଗି ହେବ। ସକାଳ, ଅପରାହ୍ନ ଏବଂ ସନ୍ଧ୍ୟାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବ। ମୂର୍ତ୍ତି ନିର୍ମାଣ ପାଇଁ ଭଦ୍ରକରୁ ମୂର୍ତ୍ତିକାର ଆସିଥିବାବେଳେ ସ୍ଥାନୀୟ କାରିଗରଙ୍କ ଦ୍ୱାରା ୫୦ ଫୁଟ ଉଚ୍ଚ ଏବଂ ୨୦୦ ଫୁଟ ଓସାର ବିଶିଷ୍ଟ ସୁଉଚ୍ଚ ତୋରଣ ନିର୍ମାଣ କରାଯାଉଥିବା ପୂଜା ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

**ସରସ ସୁନ୍ଦର କରିବାକୁ ଉଦ୍ୟମ ଚାଲିଛି**



ଐତିହ୍ୟ, ପରମ୍ପରା ସହ ଜଡ଼ିତ ଭୁବନ ଦୁର୍ଗାପୂଜାର ସ୍ୱତନ୍ତ୍ର ପରିଚୟ ରହିଛି। ହରପାର୍ବତୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଏହାକୁ ସରସ ସୁନ୍ଦର କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ଅଞ୍ଚଳବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ କରାଯିବ।

-ସରୋଜ କୁମାର ସାହୁ, ସଭାପତି

**ଭାଇଚାରା ପରମ୍ପରା ସୃଷ୍ଟି କରିଛି**



ଭୁବନର ଐତିହ୍ୟସମ୍ପନ୍ନ ଦଶହରା ଉତ୍ସବରେ ହରପାର୍ବତୀ ପୂଜା ପ୍ରତିଷ୍ଠାନ ସର୍ବଦା କିଛି ନିଆରା କରିବାକୁ ଉଦ୍ୟମ କରିଆସିଛି। ଏହି ପୁରାତନ ମେଢ଼ ପାଇଁ ଅଞ୍ଚଳବାସୀ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଭାଇଚାରାର ପରମ୍ପରା ସୃଷ୍ଟି ହୋଇପାରିଛି।

-ବିଶ୍ୱନାଥ ଅଗ୍ରୱାଲ, ସମ୍ପାଦକ

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

ଭୁବନ, ୧୦।୯(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଗ୍ରାମ ପ୍ରଧାନସାହିର ଲକ୍ଷ୍ମୀଧର ସାହୁ (୪୫)ଙ୍କ ଶନିବାର ସକାଳେ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଗ୍ରାମ ନିକଟ ପାଚାମୁଣ୍ଡିଆ ନାଳକୁ ଗଧୋଇବାକୁ ଯାଉଥିବାବେଳେ ହଠାତ୍ ଝଡ଼ବର୍ଷା ମାଡ଼ି ଆସିଥିଲା। ଦଳିତସାହି ନିକଟରେ ଥିବା ଏକ ଗଛମୂଳେ ସେ ଆଶ୍ରୟ ନେଇଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ତାଙ୍କ ମୁଣ୍ଡ ଜଳିଯାଇଥିବାବେଳେ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ତାଙ୍କ ସହ ଥିବା ଚିତ୍ରସେନ ସାହୁ (୪୦) ସାମାନ୍ୟ ଆହତ ହୋଇଥିବାବେଳେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଲକ୍ଷ୍ମୀଧରଙ୍କୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ଭୁବନ ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଲକ୍ଷ୍ମୀଧରଙ୍କୁ ହରାଇ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ତାଙ୍କ ଘରେ ବୃଦ୍ଧା ମା'ବାପା, ସ୍ତ୍ରୀ ଏବଂ ଦୁଇ ସନ୍ତାନ ଅଛନ୍ତି। ବଡ଼ଝିଅ ମାନସିକ ଅନଗ୍ରସର ହୋଇଥିବା ବେଳେ ପୁଅ ୪ର୍ଥ ଶ୍ରେଣୀରେ ପଢୁଛନ୍ତି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକଙ୍କ ପରିବାରକୁ ନିୟମ ଅନୁଯାୟୀ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ: କେନ୍ଦ୍ରୀୟ ବିଦ୍ୟାଳୟ ଫାଇନାଲରେ

ଢେଙ୍କାନାଳ ଅଫିସ, ୧୦।୯: ଢେଙ୍କାନାଳ ଜିଲା କ୍ରୀଡ଼ାସଂଘ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଆନ୍ତଃ ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚରେ କେନ୍ଦ୍ରୀୟ ବିଦ୍ୟାଳୟ ୧-୦ ଗୋଲ୍‌ରେ ମଣ୍ଟଫୋର୍ଟ ସ୍କୁଲକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ରେଫରୀ ଭାବେ ଦେବରାଜ ସ୍ୱାଇଁ, ଉମେଶ ଚନ୍ଦ୍ର ଦାସ, ସବ୍ୟ ପ୍ରକାଶ, ମହେନ୍ଦ୍ର କୁମାର ସାହୁ ଖେଳ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ୍ ପ୍ରେମାନନ୍ଦ ବିହାରୀ, ସମ୍ମାନିତ ଅତିଥି ଭାବେ ଗୌରାଙ୍ଗ ଚରଣ ସେଠୀ, ଅଭିଜିତ ମିଶ୍ର, ରାମକୃଷ୍ଣ ବେହେରା, ଅନିଲ ନନ୍ଦ, ସୁଶୀଲ ପଣ୍ଡା, ସନ୍ତୋଷ କାନୁନ୍‌ଗୋ, ଜ୍ୟୋତିପ୍ରକାଶ ପରିଡ଼ା ଉପସ୍ଥିତ ଥିଲେ। ରବିବାର ଦିଲ୍ଲୀ ପବ୍ଲିକ ସ୍କୁଲ ଏବଂ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

### କାଚରା ସମ୍ପ୍ରଦାୟର ବାର୍ଷିକ ଉତ୍ସବ

ଭୁବନ, ୧୦।୯(ଡି.ଏନ.ଏ.): ଢେଙ୍କାନାଳ ଜିଲା ଭୁବନ କାଚରା ସମ୍ପ୍ରଦାୟର ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବିଭିନ୍ନ ପ୍ରକାର ପିଠାପଣା ସମ୍ଭାରରେ ଗାଦିଘରେ ପୂଜାର୍ଚ୍ଚନା କରାଯାଇଥିଲା। ସାମୂହିକ ପ୍ରସାଦ ସେବନ ପରେ ଗାଦିଘରୁ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ବାଜାବାଣ, ମହିଳା ସଂକୀର୍ତ୍ତନମଣ୍ଡଳୀର ଉଦଣ୍ଡ କୀର୍ତ୍ତନରେ ପରିବେଶ ମୁଖରିତ ହୋଇଉଠିଥିଲା। ସଭାପତି ପ୍ରଭାତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ କର୍ମକର୍ତ୍ତା ତାରାକାନ୍ତ ସାହୁ, ଶଶିକାନ୍ତ ସାହୁ, ଜ୍ଞାନରଞ୍ଜନ ସାହୁ, ଶ୍ୟାମସୁନ୍ଦର ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଏନ୍‌ଇଇଟିରେ ଛାତ୍ରଙ୍କ କୃତିତ୍ୱ

ଢେଙ୍କାନାଳ ଅଫିସ, ୧୦।୯-ତାଳଚେର ଏମ୍‌ସିଏଲ୍‌ରେ କାର୍ଯ୍ୟରତ ହର୍ଷବର୍ଦ୍ଧନ ପଣ୍ଡା ଓ ସଂଯୁକ୍ତା ପଣ୍ଡାଙ୍କ ପୁଅ ପ୍ରୀତିବର୍ଦ୍ଧନ ପଣ୍ଡା ଏନ୍‌ଇଇଟି ୟୁଜି ପ୍ରବେଶିକା



ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେ ୭୨୦ରୁ ୬୫୫ ମାର୍କ ରଖିଛନ୍ତି। ପ୍ରୀତିବର୍ଦ୍ଧନ ହେଉଛନ୍ତି ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ପୂର୍ବତନ ବିଜ୍ଞାନ ଶିକ୍ଷକ ସ୍ୱର୍ଗତ ଦୀନବନ୍ଧୁ ପଣ୍ଡାଙ୍କ ନାତି। ଏହି ସଫଳତା ପାଇଁ ତାଳଚେରସ୍ଥିତ କଳିଙ୍ଗ ଡିଏଭି ସ୍କୁଲର ପ୍ରିନ୍ସିପାଲ, ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସଙ୍ଗଠନକୁ ଆଗେଇ ନେବାକୁ ଆହ୍ୱାନ

**ଅନ୍ନପୂର୍ଣ୍ଣା ବାରିକ ୱେଲ୍‌ଫେୟାର ଆସୋସିଏଶନ ବୈଠକ**

ଢେଙ୍କାନାଳ ଅଫିସ, ୧୦।୯

ଅନ୍ନପୂର୍ଣ୍ଣା ବାରିକ ୱେଲ୍‌ଫେୟାର ଆସୋସିଏଶନ ଢେଙ୍କାନାଳ ଶାଖାର ଏକ ବୈଠକ ସ୍ଥାନୀୟ ଦଧିବାମନଜୀଉ ମଠ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ନୀରୋଦ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସୋମନାଥ ବାରିକ ସଂଘର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ନିଖିଳ ଉତ୍କଳ ବାରିକ ସମିତି କେନ୍ଦ୍ରୀୟ କାର୍ଯ୍ୟାଳୟର ରାଜ୍ୟ ସଭାପତି ହେମନ୍ତ କୁମାର ବାରିକ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରଖିବା ଓ ଭାଇଚାରା ମଧ୍ୟରେ ସମସ୍ତେ ଏକାଠି ହୋଇ ସଙ୍ଗଠନକୁ ଆଗେଇ ନେବାକୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ କୁଳମଣି ବାରିକ ଆଗାମୀ ପ୍ରତିଷ୍ଠା ଦିବସ ଓ ଏହି ଉପଲକ୍ଷେ ହେବାକୁ ଥିବା ଦୀପଯଜ୍ଞ ସମ୍ପର୍କରେ ସୂଚନା ଦେଇଥିଲେ। ଭୁବନେଶ୍ୱର ଶାଖା କୋଷାଧ୍ୟକ୍ଷ ରୋହିତ କୁମାର ବାରିକ ରାଜ୍ୟ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଜିଲା ସଙ୍ଗଠନକୁ ସୁଦୃଢ଼ କରିବା, ସଭ୍ୟାସଭ୍ୟ ଗ୍ରହଣ ଲାଗି ପ୍ରସ୍ତାବ ଗୃହୀତ ହୋଇଛି। ଅନ୍ନପୂର୍ଣ୍ଣା ବାରିକ ୱେଲ୍‌ଫେୟାର ଆସୋସିଏଶନ ଢେଙ୍କାନାଳ ଶାଖା ନିଖିଳ ଉତ୍କଳ ବାରିକ ସମିତି ସହିତ ଅନୁବନ୍ଧିତ ହେବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ କାମାକ୍ଷାନଗର ପୌରାଞ୍ଚଳ ସଭାପତି ଭାବେ ସୁଶାନ୍ତ କୁମାର ବାରିକଙ୍କୁ ଆଜୀବନ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଆସନ୍ତା ଡିସେମ୍ବର ୨୦ରେ ଗୁରୁଗାଦି ଜଡ଼ାମଠ ପୁରୀରେ ଦୀପଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ରହିଛି

**ଢେଙ୍କାନାଳ କଲେଜରେ କର୍ମଶାଳା**



ଅତିଥିମାନେ ଚାରା ରୋପଣ କରିବାକୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରୁଛନ୍ତି।

ଢେଙ୍କାନାଳ ଅଫିସ, ୧୦।୯

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ପାଣିପାଗ ବିଭାଗର ମିଳିତ ସହଯୋଗରେ ଶନିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପରୀକ୍ଷା ନିୟନ୍ତ୍ରକ ଜୟଦେବ ପାଢ଼ୀ ସ୍ୱାଗତ ଭାଷଣ, ବିଭାଗୀୟ ମୁଖ୍ୟ ଡ. ଅନିରୁଦ୍ଧ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିତ୍ତୀୟ ନିୟନ୍ତ୍ରକ ଡ. ଦେବରାଜ ପରିଡ଼ା କାର୍ଯ୍ୟକ୍ରମର ଆଭିମୁଖ୍ୟ ବୁଝାଇଥିଲେ।

ସାଧନ କର୍ମୀ ଭାବେ ଯୋଗ ଦେଇଥିବା ଜୟନ୍ତ କୁମାର ଜେନା ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ସଂଗୃହୀତ ବିରଳ ଉଦ୍ଭିଦ ଚିହ୍ନାଇବା ସହ ସେମାନଙ୍କ ଗୁଣାବଳୀ ବିଷୟରେ ଆଲୋକପାତ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗର ଭରତ ଜେନା ବୃକ୍ଷର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରକୃତି ମିତ୍ର ତଥା ବିଶିନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ପରିବେଶ ସୁରକ୍ଷା ପାଇଁ ଆଜିକାର ପିଢ଼ିର ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷାନୁଷ୍ଠାନର ବଗିଚାର ଏକ ନିର୍ଦ୍ଦିଷ୍ଟ ଜାଗାରେ ଚାରା ରୋପଣ କରାଯିବା ସହ ସେସବୁର ରକ୍ଷଣାବେକ୍ଷଣ ଲାଗି ପଦକ୍ଷେପ ନିଆଯାଇଥିଲା। 'ଗୋଟିଏ ଗଛ, ଗୋଟିଏ ଅଭିଭାବକ' ଆହ୍ୱାନ ଦିଆଯାଇଥିଲା। ସେମିନାର ସମ୍ପାଦକ ଫୌଜିଆ ବେଗମ୍, ସହ ସମ୍ପାଦକ ଶକ୍ତି ଶତପଥୀ, ଲିଜାରିନ ସେନାପତି, ଉପାସନା ପଣ୍ଡା, ସୁଶ୍ରୀ ଶୁଭଶ୍ରୀ ରାଉତରାୟ, ଅନିଷା ରଥ, ରାଧିକା ବିନାନି ପ୍ରମୁଖ ସହଯୋଗ କରିଥିବାବେଳେ ଚିନ୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆୟବୃଦ୍ଧି କରିବ ବୃକ୍ଷରାଜି'

ଢେଙ୍କାନାଳ ଅଫିସ, ୧୦।୯

ମହପ୍ରଭୁ ଶ୍ରୀବାମନଙ୍କ ଜନ୍ମତିଥି ଉପଲକ୍ଷେ ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ଗ୍ରାମରେ ମେଗା ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, ବୃକ୍ଷରାଜି ମନୁଷ୍ୟର ଜୀବନ ରକ୍ଷା କରିବା ସହ ଆୟବୃଦ୍ଧିରେ ସହାୟକ ହୋଇଥାଏ। ଗ୍ରାମବାସୀଙ୍କ ଏଭଳି ମହତ୍ କାର୍ଯ୍ୟ ପ୍ରଶଂସନୀୟ ବୋଲି ଏମ୍‌ପି କହିଛନ୍ତି। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲାପାଳ ସରୋଜ କୁମାର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସ୍ୱାଇଁ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ, ଗ୍ରାମ ସଭାପତି ଅଶ୍ୱିନୀ ମହାନ୍ତି, ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ସମିତି ସଭ୍ୟ ସୁବାସ ଚନ୍ଦ୍ର ପୃଷ୍ଟି, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ଦେଓଗାଁ ସରପଞ୍ଚ ବିଜୟ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଟେଣ୍ଟେଇ ଟାଙ୍ଗରରେ ଚାରା ଲଗାଯାଇଥିଲା। ଉକ୍ତ ଅଞ୍ଚଳର ୪ ଏକର ଜମିରେ ପ୍ରାୟ ୩୦୦ କାଜୁ ଗଛ ଲଗାଯିବ। ଏହାର ରକ୍ଷଣାବେକ୍ଷଣ ଲାଗି ପ୍ରଶାସନ ପକ୍ଷରୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବନ ବିଭାଗ, ଉଦ୍ୟାନ ବିଭାଗ, ଦେବୋତ୍ତର ବିଭାଗର ମିଳିତ ସହଯୋଗରେ ଜଗନ୍ନାଥ ବନପ୍ରକଳ୍ପ ଯୋଜନାରେ ରଥକାଠ ଅନୁକୂଳ ଚାରା ସହ ଫଳଗଛ ମଧ୍ୟ ରୋପଣ ହେବ। କାଜୁ ଓ ଫଳଚାରା ପଞ୍ଚାୟତର ଆୟ ବୃଦ୍ଧିରେ ସହାୟକ ହେବ। ସବୁଜିମା ଭରା ନାଗିଆପଶିରେ ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କରିବା ଲାଗି ଏହି ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ନାଗିଆପଶିକୁ ସ୍ମାର୍ଟଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ସଭାପତି ପ୍ରସ୍ତାବ ଦେଇଥିଲେ।


ଏମ୍‌ପି ମହେଶ ସାହୁ ଚାରାରୋପଣ କରୁଛନ୍ତି।

# ଭାଗବତ ଜନ୍ମ ଉତ୍ସବ

ସାତମାଇଲ, ୧୦।୯(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ଏବଂ ଭାଗବତ ଜନ୍ମ ସମାରୋହ ଶନିବାର ପାଳିତ ହୋଇଯାଇଛି। ପୀଠର ସ୍ଥାୟୀ ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ପରିଚାଳନାରେ ଆଡମ୍ବର ସହକାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିତ୍ୟ ପୂଜକ ପଣ୍ଡିତ ନରେଶ ଚନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ଆବଶ୍ୟକ ନୀତିକାନ୍ତି ସମ୍ପନ୍ନ ପରେ ପଣ୍ଡିତ ଆଦିତ୍ୟ ପ୍ରସାଦ କର ଭାଗବତ ପୂଜନ କରିଥିଲେ। ବିଶ୍ୱକଲ୍ୟାଣ କାମନା କରି ଯଜ୍ଞରେ ଘୃତାହୁତି କରାଯାଇଥିଲା। ପ୍ରଦୀପ ପତି, ସବିତାଞ୍ଜଳି ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମଣ୍ଡପରେ ଭାଗବତର ପ୍ରଥମ ସ୍କନ୍ଦ ପାଠ କରାଯିବା ସହ ନାମସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ବିରଞ୍ଚି ନାରାୟଣ ତ୍ରିପାଠୀ, ବାବୁରାମ ନାୟକ, ସୁରେଶ ଚନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ସାହୁ, ବିମଳ ପ୍ରଧାନ, ମଙ୍ଗରାଜ ପ୍ରଧାନ, ବିଶ୍ୱରଞ୍ଜନ, ଭଗବାନ ସାହୁ, ପଣ୍ଡିତ କର, ଶ୍ରୀନିବାସ ଜେନାମଣି, ତ୍ରିଲୋଚନ ପ୍ରଧାନ, ସମୀର ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରଞ୍ଜାଗୋଳସ୍ଥିତ ଧୁନିଘର ମଠ ସମେତ ପଞ୍ଚପଡ଼ା, ସାନ ହିନ୍ଦୋଳ, ଦୁଦୁରକୋଟ, କୁକୁଟା ଗ୍ରାମରେ ଅବସ୍ଥିତ ଭାଗବତ ଟୁଙ୍ଗିରେ ମଧ୍ୟ ଭାଗବତ ଜନ୍ମ ମହାସମାରୋହରେ ପାଳିତ ହୋଇଛି।


ଭାଗବତ ଜନ୍ମ ସମାରୋହରେ ଆୟୋଜିତ ଯଜ୍ଞ।

# ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସିନର୍ଜି କଲେଜରେ ଆଲୋଚନାଚକ୍ର**

ଢେଙ୍କାନାଳ ଅଫିସ, ୧୦।୯

ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମ ରାଷ୍ଟ୍ର କିଭଳି ଓ ଆମର ପରମ୍ପରା କ'ଣ ସେ ବିଷୟରେ ଜ୍ଞାନ ଆହରଣ କରିବା ଜରୁରୀ। ପୁରାଣ ଇତିହାସରେ ବର୍ଣ୍ଣିତ ଅଭିମନ୍ୟୁ, ଘଟୋତ୍କୋଚ, ଭଗତ ସିଂ, ଚନ୍ଦ୍ରଶେଖର ଆଜାଦଙ୍କ ଭଳି ଯୁବକଙ୍କ ରାଷ୍ଟ୍ର ପ୍ରତି ସମର୍ପଣ ଭାବନା ରହିଥିଲା। ଶ୍ରୀରାମ, ଶ୍ରୀକୃଷ୍ଣ, ସୀତା, ଝାନ୍ସିରାଣୀ ଲକ୍ଷ୍ମୀବାଈ ପରମ୍ପରା କର୍ତ୍ତବ୍ୟଙ୍କୁ ସମ୍ମାନ ଜଣାଇଥିଲେ। ଅଧର୍ମ ବିରୋଧରେ ସଂଗ୍ରାମରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଭାରତୀୟ ମହିଳା ଓ କନ୍ୟାମାନେ ସଂସ୍କାରୀ। ସଂସ୍କାର ଓ ବୈଷୟିକ ଜ୍ଞାନ ସହିତ ପରମ୍ପରା ଯୋଡ଼ିହେଲେ ଏକ ଉନ୍ନତ ରାଷ୍ଟ୍ର ନିର୍ମାଣ ସମ୍ଭବ ବୋଲି କହିଛନ୍ତି ଉତ୍ତରପ୍ରଦେଶ ବାରାଣସୀସ୍ଥିତ କରପତ୍ରି ଧାମର ସ୍ୱାମୀ ଅଭିଷେକ ବ୍ରହ୍ମଚାରୀ ଜୀ। ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ ଓ ବୈଷୟିକ ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ 'ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଭୂମିକା' ସମ୍ପର୍କିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ।

ଭାରତୀୟ ଯୁବ ଚେତନାର ଜାତୀୟ ସଂଯୋଜକ ରୋହିତ ସିଂ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କହିଲେ, ଜାତି, ଧର୍ମ, ନିର୍ବିଶେଷରେ ରାଷ୍ଟ୍ରର ଉନ୍ନତି ପାଇଁ ଜୀବନକୁ ସମ୍ପର୍ପିତ କରିବାକୁ ଯୁବବର୍ଗ ବ୍ୟାକୁଳ ହୋଇଥାଆନ୍ତି। ମହାନ୍ ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ ଓଡ଼ିଶା ମାଟିରେ ଜନ୍ମନେଇ 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶ, ମହାକାଶଚାରୀ କଳ୍ପନା ଚାୱାଲାଙ୍କ ଉତ୍ସର୍ଗୀକୃତ ଜୀବନର ଉଦାହରଣ ଦେଇଥିଲେ। ଏବେ ବିଶ୍ୱ ଅର୍ଥନୀତିରେ ଭାରତ ୫ମ ସ୍ଥାନ ଅଧିକାର କରିଛି। ଭାରତକୁ ବିଶ୍ୱଗୁରୁ କରିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଦରକାର ବୋଲି ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ବିନୋଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ଡ. ଇତିଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ଓ ପଦାର୍ଥ ବିଜ୍ଞାନ ମୁଖ୍ୟ ଡ. ଜ୍ୟୋତ୍ସ୍ନା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କଳ୍ପନା ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ବିଦ୍ୟାଳୟ ସ୍ଥାନାନ୍ତର ଉପରେ ରହିତାଦେଶ

ବଇଣ୍ଡା,୧୦।୯(ଡି.ଏନ.ଏ)- ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ଥିବା କିଶୋରଗଞ୍ଜ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ଉପରେ ରହିତାଦେଶ ଜାରି କରିଛନ୍ତି ହାଇକୋର୍ଟ। ଗ୍ରାମବାସୀ ଓ ଅଭିଭାବକଙ୍କ ଅଭିଯୋଗକୁ ଗ୍ରହଣ କରି ଗତ ୩୦ ତାରିଖରେ ହାଇକୋର୍ଟ ଉକ୍ତ ବିଦ୍ୟାଳୟ ସ୍ଥାନାନ୍ତରରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଅନୁଗୋଳ ଜିଲାପାଳ, ଆଠମଲ୍ଲିକ ଉପଜିଲାପାଳ, ତହସିଲଦାର କିଶୋରନଗର, ଡିପିସି ଅନୁଗୋଳ, ଶିକ୍ଷା ସଚିବ, ଅନୁଗୋଳ ଭୂ-ଅର୍ଜନ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଗ୍ରାମବାସୀ କହିଛନ୍ତି, ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ବିଦ୍ୟାଳୟ ରାସ୍ତା ସମ୍ପ୍ରସାରଣ ପାଇଁ କ୍ଷତିଗ୍ରସ୍ତ ହେଉଛି। ଉକ୍ତ ବିଦ୍ୟାଳୟ ପଛପଟେ ଖାତା ନମ୍ବର ୧୩୮, ପ୍ଲଟ୍ ନମ୍ବର ୫୩୯ରେ ୩୯ ଡିସିମିଲ ସରକାରୀ ଜମି ଥିବାରୁ ସେଠାରେ ବିଦ୍ୟାଳୟ ନିର୍ମାଣ ପାଇଁ ଗ୍ରାମବାସୀ, ଶିକ୍ଷା କମିଟି ଓ ଅଭିଭାବକମାନେ ଦାବି କରିଥିଲେ। ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଉକ୍ତ ବିଦ୍ୟାଳୟକୁ ରାମଦେଓ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ ଜମିରେ ନିର୍ମାଣ ଆରମ୍ଭ କରିଛନ୍ତି। ଏହାକୁ ବିରୋଧ କରି ଗ୍ରାମବାସୀ ଓ ଅଭିଭାବକମାନେ ବହୁବାର ଜିଲା ପ୍ରଶାସନଠାରୁ ଆରମ୍ଭ କରି ଶିକ୍ଷା ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଗ୍ରାମବାସୀ ଓ ଅଭିଭାବକମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଗ୍ରହଣ କରି ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର, ବିଚାରପତି ଜଷ୍ଟିସ୍ ଆର.କେ. ପଟ୍ଟନାୟକ ବିଦ୍ୟାଳୟ ସ୍ଥାନାନ୍ତର ଉପରେ ରହିତାଦେଶ ଜାରି କରିଛନ୍ତି।

### ଚୋରି ଅଭିଯୋଗରେ ୨ ଅଟକ

ଅନୁଗୋଳ ଅଫିସ, ୧୦।୯- ଅନୁଗୋଳ ଜିଲା ନାଲ୍‌କୋ ଥାନା ଚର୍ଚ୍ଚ କେନାଲ ରୋଡ୍‌ରୁ ୨ ଚୋରି ଅଭିଯୁକ୍ତଙ୍କୁ ଧରି ସୁରକ୍ଷା କର୍ମୀ ପୋଲିସ ଜିମା ଦେଇଛନ୍ତି। ଲୁହା ପାଇପ୍ ଚୋରି କରୁଥିବା ବେଳେ ଏମାନେ ଧରାପଡ଼ିଥିବା ଜଣାପଡ଼ିଛି। ସୁରକ୍ଷାକର୍ମୀ ସନ୍ତୋଷ କୁମାର ସାହୁ ଓ ରସାନନ୍ଦ ନାୟକଙ୍କ ଅଭିଯୋଗକ୍ରମେ ନାଲକୋ ଥାନାରେ ନଂ. ୧୯୦/୨୨ରେ ମାମଲା ରୁଜୁ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି।

### ମୋଟର ସାଇକେଲ ଚୋରି

ଅନୁଗୋଳ ଅଫିସ, ୧୦।୯:ଅନୁଗୋଳ ଜିଲା କୋଲିୟାରୀ ଥାନା ଗୋପାଳପ୍ରସାଦସ୍ଥିତ ରାଜନଗର ଛକରୁ ଏକ ମୋଟର ସାଇକେଲ ଚୋରି ହୋଇଛି। ଏ ନେଇ ସୁମନ୍ତ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୫୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୁମନ୍ତ ତାଙ୍କ ମୋଟର ସାଇକେଲକୁ ରାଜନଗର ଛକରେ ଥିବା ଏକ ସୁନା ଦୋକାନ ଆଗରେ ରଖିଥିବା ବେଳେ ତାହା ଚୋରି ହୋଇଯାଇଛି।

### ରୋଷେଇ ବେଳେ ଜଳିଗଲା ଘର

ଅନୁଗୋଳ ଅଫିସ, ୧୦।୯- ଅନୁଗୋଳ ବ୍ଲକ କାଙ୍ଗୁଲା ବେନ୍ତପୁରରେ ରୋଷେଇ ବେଳେ ନିଆଁ ଲାଗି ବାଉରୀ ପ୍ରଧାନଙ୍କ ଘର ଶନିବାର ପୋଡ଼ିଯାଇଛି। ସ୍ଥାନୀୟ ଲୋକେ ପ୍ରଥମେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ପରେ ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ ହେଁ ସେତେବେଳକୁ ଘର ଜଳି ଯାଇଥିଲା। ଘଟଣାସ୍ଥଳରେ ରାଜସ୍ୱ ନିରୀକ୍ଷକ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ଜରିପାଲ ପ୍ରଦାନ କରିଛନ୍ତି।

## ଶିକ୍ଷା ଶିକ୍ଷାର୍ଥୀଙ୍କ ଭବିଷ୍ୟତ ନିର୍ମାଣ କରେ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୧୦।୯(ଡି.ଏନ.ଏ)

ଶିକ୍ଷା ଏକ ଜୀବନ ବ୍ୟାପୀ ସାଧନା। ଶିକ୍ଷାପ୍ରତି ସମର୍ପିତ ଭାବନା ଜଣେ ଉତ୍ତମ ଶିକ୍ଷକ ସୃଷ୍ଟି କରେ। ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରିଥାଏ। ମାନବୀୟ ମୂଲ୍ୟବୋଧ ଶିକ୍ଷା ହିଁ ସାମ୍ପ୍ରତିକ ଶିକ୍ଷାର ମୂଳ ଲକ୍ଷ୍ୟ ହେବା ଉଚିତ୍ ବୋଲି ଶୁକ୍ରବାର ଅନୁଗୋଳ ଜିଲା କିଶୋରନଗର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ ସର, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡି ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶିବାନୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମେଡିକାଲରେ ଭୋଜି ଘଟଣା
## ସିସିଟିଭି ଯାଞ୍ଚ ନିର୍ଦ୍ଦେଶ

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କୌଣସି କର୍ମଚାରୀ ଭୋଜିଭାତ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଥିଲେ ମଧ୍ୟ ତାହାକୁ ଉଲ୍ଲଂଘନ କରି କେତେଜଣ କର୍ମଚାରୀ ୨ ଥର ଭୋଜି କରିଛନ୍ତି। ଏପରି କି ଏଥିପାଇଁ ମେଡିକାଲରେ କାର୍ଯ୍ୟରତ ଏକ ଠିକା ସଂସ୍ଥା ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇଥିବା ଚର୍ଚ୍ଚା ହେଉଛି। ଏ ନେଇ ଶନିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଏହାର ତଦନ୍ତ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଏ ନେଇ ପଚରା ଉଚରା କରାଯାଇଛି। କର୍ମଚାରୀମାନେ ଏହାକୁ ଫାଙ୍କି ଦେଇଛନ୍ତି। ତେଣୁ ପ୍ରମାଣ ପାଇବା ପାଇଁ ସିସିଟିଭି ଯାଞ୍ଚ କରିବାକୁ ଏଡିଏମ୍‌ଓ ମେଡିକାଲଙ୍କୁ ନିର୍ଦ୍ଦେଶ ଦିଆଯିବ।

## ବର୍ଷେ ହେବ କର୍ମଚାରୀଙ୍କୁ ମିଳିନି ଦରମା

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାନବ ସମ୍ବଳ ଯୋଗାଇ ଦେଉଥିବା ଏକ ଠିକା ସଂସ୍ଥା ପକ୍ଷରୁ କେତେଜଣ କର୍ମଚାରୀଙ୍କୁ ବର୍ଷେ ହେଲା ଦରମା ଦିଆଯାଇ ନ ଥିବା ଅଭିଯୋଗ ହେଉଛି। ଏପରି କି ଦରମା ଟଙ୍କାକୁ ଠିକା ସଂସ୍ଥାର ଜଣେ କର୍ମଚାରୀ ଅନ୍ୟତ୍ର ଲଗାଇ ସେଥିରୁ ଲାଭ ଉଠାଉଥିବା ଚର୍ଚ୍ଚା ହେଉଛି।

### କର୍ମଚାରୀଙ୍କ ଟଙ୍କା ଅନ୍ୟତ୍ର ଲଗାଇ ଉଠାଯାଉଛି ଲାଭ

କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ଦିନକୁ ୮ ଘଣ୍ଟା ଜିଲା ମୁଖ୍ୟ ଚିକିତ୍ସାଳୟରେ ଖଟୁଛନ୍ତି। କିନ୍ତୁ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ଠିକା ସଂସ୍ଥା ପକ୍ଷରୁ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ଏ ନେଇ ଠିକା ସଂସ୍ଥାର ଦାୟିତ୍ୱ ବୁଝୁଥିବା କର୍ମଚାରୀଙ୍କ ନିକଟରେ ଅଭିଯୋଗ କଲେ ସେ ନାନା କଥା କହି ଭୁଲାଇ ଦେଉଛନ୍ତି। ବିଲ୍ ଆସିନାହିଁ ବୋଲି ସଫେଇ ଦେଉଛନ୍ତି। ଦିନେ କି ଦୁଇ ଦିନ ମଧ୍ୟରେ ହୋଇଯିବ କହି ଦିନ ଗଡ଼ାଇ ଚାଲିଛନ୍ତି। ଏଭଳି କି ବର୍ଷେ ହେବ ସେମାନଙ୍କୁ ଦରମା ପ୍ରଦାନ କରାଯାଇ ନାହିଁ। ଘଟଣା ସମ୍ପର୍କରେ ଠିକା ସଂସ୍ଥାର କର୍ମଚାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ଏ ସମ୍ପର୍କରେ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ନାହିଁ। ତଥାପି ଠିକା ସଂସ୍ଥାର କର୍ମଚାରୀଙ୍କୁ ପଚରାଯିବ। ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।



## ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଅନୁଗୋଳ ଅଫିସ,୧୦।୯

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅଧ୍ୟକ୍ଷ ଗଙ୍ଗାଧର କର ଉଦ୍‌ଘାଟନ କରିଥିଲେ। ରକ୍ତ ଭଣ୍ଡାର ଡାକ୍ତର ସତ୍ୟବ୍ରତ ପାଢୀଯୋଶୀ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପୂର୍ବତନ କ୍ୟାଡେଟ୍ ଦୀନେଶ ପ୍ରଧାନ, ଅଧ୍ୟାପିକା ମହେଶ୍ୱତା ମହାନ୍ତି, ଶାଶ୍ୱତୀ ଶୁଭଦର୍ଶନୀ, ସସ୍ମିତା ସ୍ୱାଇଁ, ଚନ୍ଦ୍ରକାନ୍ତ ଦାସ, ଦିଲେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ରକ୍ତଦାନ କରିଥିଲେ। ଏନ୍‌ସିସି, ଯୁବ ରେଡକ୍ରସ୍, ଏନ୍‌ଏସ୍‌ଏସ୍, ରୋଭର୍ସ ଓ ରେଞ୍ଜର୍ସର ଉଦ୍ୟମରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରକୁ ଏନ୍‌ସିସି କ୍ୟାପଟେନ୍ ଅଭିମନ୍ୟୁ ଦାସ ପରିଚାଳନା କରିଥିଲେ।

## ଜାଲରେ ୫ ଫୁଟର ଅଜଗର

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳସ୍ଥିତ ଢେରଜାଙ୍ଗ ପ୍ରୋଜେକ୍ଟରେ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଥିବା ଏକ ୫ ଫୁଟର ଅଜଗର ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦିଆଯାଇଛି। ମତ୍ସ୍ୟଜୀବୀମାନେ ଜାଲରେ ଅଜଗର ପଡ଼ିଥିବା ଦେଖି ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇବା ପରେ ସର୍ପମିତ୍ର ବେହେରାଙ୍କ ସହ ସହଯୋଗୀ ବିଜୁ ଭୋଇ ଓ ପିଣ୍ଟୁ ବେହେରା ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ବନ କର୍ମଚାରୀ ହରମୋହନ ପ୍ରଧାନ ସାପଟିକୁ ମନ୍ଦରଗିରି ଜଙ୍ଗଲରେ ଛାଡ଼ି ଦେଇଥିଲେ।



## ଲକ୍ଷ୍ମୀ ହୋଣ୍ଡାରେ ପୂଜା ବମ୍ପର ଅଫର ଶୁଭାରମ୍ଭ

ଅନୁଗୋଳ ଅଫିସ,୧୦।୯

ହୋଣ୍ଡା ମୋଟରସାଇକେଲ ଏବଂ ସ୍କୁଟରର ଅଧିକୃତ ବିକ୍ରେତା ଅନୁଗୋଳସ୍ଥିତ ଲକ୍ଷ୍ମୀ ହୋଣ୍ଡାରେ ଆଗାମୀ ଦୁର୍ଗାପୂଜା ପାଇଁ ବମ୍ପର ଅଫରର ଶୁଭାରମ୍ଭ ହୋଇଯାଇଛି। ଗ୍ରାହକମାନେ ହୋଣ୍ଡାର ଯେକୌଣସି ଗାଡ଼ି ମାତ୍ର ୧୧୦୦ ଟଙ୍କାର ଡାଉନ୍ ପେମେଣ୍ଟରେ ସହଜ ଫାଇନାନ୍ସ ମାଧ୍ୟମରେ ନେଇପାରିବେ। ଏହି ଅଫର କେବଳ ସୀମିତ ସମୟ ପାଇଁ ଉପଲବ୍ଧ। ଏଥିସହ ଗ୍ରାହକମାନଙ୍କ ପାଇଁ ପୁରୁଣା ଗାଡ଼ିର ଏକ୍ସଚେଞ୍ଜ ସୁବିଧା ମଧ୍ୟ କରାଯାଇଛି। ଏହି ଅବସରରେ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନ ଲକ୍ଷୀ ହୋଣ୍ଡାରେ ହୋଣ୍ଡାର ସବୁ ମଡେଲ ସମସ୍ତ କଲର ସହ ଉପଲବ୍ଧ ଅଛି। ଗ୍ରାହକମାନେ ପୂଜା ପୂର୍ବରୁ ନିଜ ମନ ମୁତାବକ ଗାଡ଼ି ବୁକିଂ କଲେ ଠିକ୍ ସମୟରେ ତାହା ନେଇପାରିବେ। ତେଣୁ ଏହି ଅଫରର ଭରପୂର ଲାଭ ଉଠାଇବାକୁ ଗ୍ରାହକମାନଙ୍କୁ ସେ ନିବେଦନ କରିଛନ୍ତି। ସର୍ବଦା ଗ୍ରାହକମାନଙ୍କୁ କିପରି ଉତ୍ତମରୁ ଉତ୍ତମ ସେବା ଯୋଗାଇଦେବ ତାହା ଲକ୍ଷ୍ମୀ ହୋଣ୍ଡାର ପ୍ରଥମ ଲକ୍ଷ୍ୟ ବୋଲି ସ୍ୱତ୍ୱାଧିକାରୀ ଅଗ୍ରୱାଲ କହିଛନ୍ତି। ଏଥିସହ ସମସ୍ତ ଗ୍ରାହକବନ୍ଧୁଙ୍କୁ ପୂଜା ଅଭିନନ୍ଦନ ଜଣାଇଛନ୍ତି।




## ଚୋରା କାଠ ବୋଝେଇ ଗାଡ଼ି ଜବତ

ବଇଣ୍ଡା,୧୦।୯(ଡି.ଏନ.ଏ)

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଶ୍ରୁବାହାଲ ଗ୍ରାମ ନିକଟରେ ଶୁକ୍ରବାର ହଣ୍ଡପା ବନବିଭାଗ ଚଢାଉ କରି ଏକ ଚୋରା ଶାଗୁଆନ ଗଣ୍ଡି ବୋଝେଇ ଭ୍ୟାନ (ନଂ. ଓଡି୧୯ଜି -୪୩୨୨) ଜବତ କରିଛି। ଅଶ୍ରୁବାହାଲ ଗ୍ରାମରୁ ଉକ୍ତ ଗାଡ଼ିରେ ଚୋରା ଶାଗୁଆନ ଗଣ୍ଡି ଅନୁଗୋଳ ଅଭିମୁଖେ ଯାଉଥିବା ଖବରପାଇ ବନବିଭାଗ ଚଢାଉ କରି ୧ ଲକ୍ଷ ଟଙ୍କାର ଶାଗୁଆନ ଗଣ୍ଡି ଜବତ କରାଥିଲା। ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେହିପରି ହଣ୍ଡପା ଥାନା ଚାରିଖମଣ ଗ୍ରାମରୁ ଶନିବାର ହଣ୍ଡପା ବନବିଭାଗ ଏକ ଚୋରା କେନ୍ଦୁପତ୍ର ବୋଝେଇ ଭ୍ୟାନ୍ ସହ ୬୦ ହଜାର ଟଙ୍କାର କେନ୍ଦୁପତ୍ର ଜବତ କରିଛି। ଉକ୍ତ ଗାଡ଼ି କୋଲକାତା ଅଭିମୁଖେ ଯାଉଥିବା ଖବରପାଇ ହଣ୍ଡପା ଫରେଷ୍ଟର ସୁବ୍ରତ ଶତପଥୀ, ସତ୍ୟବାନ ମାହାର, ସୁରେନ୍ଦ୍ର ପାତ୍ର ପ୍ରମୁଖ ଚଢାଉ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଚାଳକ କଲିକତା ଅଞ୍ଚଳର ରିଆଜ ଖାଁ, ବ୍ୟବସାୟୀ ନିଶାନ୍ତ ପାଣ୍ଡେଙ୍କୁ ଗିରଫ କରାଯାଇଛି।


ଚୋରା କାଠ ବୋଝେଇ ଗାଡ଼ି ଜବତ।


କେନ୍ଦୁପତ୍ର ବୋଝେଇ ଗାଡ଼ି ସହ ଗିରଫ ୨ ଅଭିଯୁକ୍ତ।

## ଆଦର୍ଶ ବିଦ୍ୟାଳୟର ଅଷ୍ଟମ ପ୍ରତିଷ୍ଠା ଦିବସ

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ୮ଟି ଆଦର୍ଶ ବିଦ୍ୟାଳୟର ୩ ଶହରୁ ଅଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକଙ୍କ ସହ ଜିଲା ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ୬୩ ଜଣ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୬ ଜଣ ବିଚାରକ ପ୍ରତିଯୋଗିତା ଗୁଡ଼ିକର ମୂଲ୍ୟାଙ୍କନ କରିବାରେ ସହଯୋଗ କରିଥିଲେ। ଅନୁଗୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ୮ଟି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକ, ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମଣ କୁମାର ବେହେରା ସଂଯୋଜନା କରିଥିଲେ। ଆଦର୍ଶ ବିଦ୍ୟାଳୟ ଖଣ୍ଡହତା ଅନୁଗୋଳର ଅଧ୍ୟକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀ ପୁରସ୍କୃତ କରୁଛନ୍ତି।

## ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଇଣ୍ଡା,୧୦।୯(ଡି.ଏନ.ଏ)

କିଶୋରନଗର ବ୍ଲକ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଷ୍ଟାର ସ୍କୁଲ ପ୍ରକଳ୍ପ ତରଫରୁ ଗୁଣୀ ଶିକ୍ଷକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ଜନଶିକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ଅରୁଣ କୁମାର ପ୍ରଧାନ ଯୋଗଦେଇ ଶିକ୍ଷକମାନେ କିଭଳି ପିଲାମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବେ ଓ ପିଲାମାନେ କିଭଳି ଭଲ ପଢିବେ ସେ ନେଇ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ବଡ଼ ମଣିଷ କରିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଆର୍‌ସିସି କିଶୋର ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଜୟନ୍ତ ଜେନା ସମ୍ମିଳନୀ ପରିଚାଳନା କରିଥିଲେ। କଣ୍ଟେଇକୋଳିଆ, ଜାମୁନାଳୀ, ଗାଁ ବଇଣ୍ଡା, ଲୁହାମୁଣ୍ଡା ଆଦି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକମାନେ ଯୋଗ ଦେଇଥିଲେ। ଅଭୟ ସ୍ୱାଇଁ, ଅଭିଷେକ ମହାପାତ୍ର ସହଯୋଗ କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଦେଶ ଉତ୍ଥାନରେ ସହଭାଗୀ ହୁଅ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସଦାନନ୍ଦ ପରିଡ଼ା ଯୋଗଦେଇ ବିଜ୍ଞାନର ମହାନତା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରତାପ ଚନ୍ଦ୍ର ଦେହୁରୀ ଯୋଗଦେଇ ବିଜ୍ଞାନର ସୁଦୁପଯୋଗ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ମଧୁସୂଦନ ବାରିକ ଶିଶୁମାନଙ୍କୁ ଭାରତବର୍ଷର ଉତ୍‌ଥାନରେ ସହଭାଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଶ୍ୱନୀ କୁମାର ନାୟକ ବିଜ୍ଞାନକୁ ସମାଜ କଲ୍ୟାଣରେ ବିନିଯୋଗ କରିବାକୁ ମାର୍ଗଦର୍ଶନ କରିଥିଲେ। ମେଳାରେ ମୋଟ ୧୦ଟି ସଙ୍କୁଳର ପ୍ରାୟ ୧୭୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ବିଦ୍ୟାଳୟ ସମ୍ପାଦକ ଧନେଶ୍ୱର ନାୟକଙ୍କ ସହ ସମସ୍ତ ଗୁରୁମା, ଗୁରୁଜୀ, ସେବିକା ଓ ସେବକ ଉପସ୍ଥିତ ଥିଲେ।

## ବସ୍‌ଷ୍ଟାଣ୍ଡ ଭିତ୍ତିପ୍ରସ୍ତର ସ୍ଥାପନ

ଖମାର,୧୦।୯ (ଡି.ଏନ୍.ଏ.)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡସ୍ଥିତ ରାମ ମନ୍ଦିର ଛକ ନିକଟରେ ଏକ ନୂତନ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବିଧାୟକ ମୁକେଶ କୁମାର ପାଳ ଶୁକ୍ରବାର ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶଶି ଭୂଷଣ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝି, ଇନ୍ଦ୍ରାଣୀ ହେମ୍ବ୍ରମ୍, ବୁଧୁରାମ ବୈପାଇ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍ ଓ ବିଜେଡିର ବହୁ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଅନେକ ସୁବିଧା ହେବା ସହିତ ପାଲଲହଡ଼ାକୁ ଏକ ନୂଆ ପରିଚୟ ମିଳିବ ବୋଲି ବିଧାୟକଙ୍କ ଅନୁଗତମାନେ ପ୍ରକାଶ କରିଛନ୍ତି।


ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ସଂକ୍ଷେପରେ

### ଫରେଷ୍ଟରଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୦।୯(ଡି.ଏନ.ଏ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ଫରେଷ୍ଟର ଆଲୋକ ନାଥ ମିଶ୍ରଙ୍କୁ ସତ୍ୟବାଦୀପୁର ଗ୍ରାମର ରଞ୍ଜନ ନାୟକ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଠାକୁରଗଡ଼ ଥାନାରେ ଶନିବାର ଅଭିଯୋଗ ହୋଇଛି। ପୋଲିସ ନଂ. ୧୨୨/୨୨ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ଆଲୋକ ସରକାରୀ କ୍ୱାର୍ଟର୍ସରେ ଥିବାବେଳେ କୌଣସି କାରଣ ନ ଥାଇ ରଞ୍ଜନ ଆସି ତାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବିଭିନ୍ନ ସ୍ଥାନରେ ଭାଗବତ ଜୟନ୍ତୀ

ବଇଣ୍ଡା,୧୦।୯(ଡି.ଏନ.ଏ)-କିଶୋରନଗର ବ୍ଲକ ଇଚ୍ଛାପୁର ଓ ଆନନ୍ଦମୁଣ୍ଡା ଗ୍ରାମରେ ଶନିବାର ଭାଗବତ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଟୁଙ୍ଗି ପରିସରରେ ପୂଜାର୍ଚ୍ଚନା ସହ ନାମ ସଂକୀର୍ତ୍ତନ କରାଯାଇଥିଲା। ପରମ୍ପରା ଅନୁଯାୟୀ ପ୍ରତ୍ୟେକ ବର୍ଷ ଏହି ଉତ୍ସବ ପାଳନ କରାଯାଉଛି। ଏହି ଉତ୍ସବରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

# 'ଭାଷା ଜାତୀୟତାର ମୂଳଉତ୍ସ'



ରାଜ୍ୟସ୍ତରୀୟ ଭାଷା ସମ୍ମାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ଓଡ଼ିଆ ଭାଷା ଓ ସାହିତ୍ୟର ଭୂମିକା ଶୀର୍ଷକ ଏକ ରାଜ୍ୟସ୍ତରୀୟ ଭାଷା ସମ୍ମାନ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଆ ଭାଷା ପ୍ରତିଷ୍ଠାନ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଅନୁଗୋଳ କଲେଜର ମିଳିତ ଆନୁକୂଲ୍ୟରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ବିଭାଗମୁଖ୍ୟ ଡ. ସୁରେଶ ଚନ୍ଦ୍ର ରାଜହଂସ ସମ୍ମାନର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ସନ୍ତୋଷ କୁମାର ରଥ, ଡ.ବୈରାଗୀ ଚରଣ ପଟ୍ଟନାୟକ, ପ୍ରଫେସର କୁମୁଦ ଚନ୍ଦ୍ର ଦାଶ ଓ ଡ. ଧରଣୀଧର ନାଥ ଆଲୋଚକ ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ଓ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ଡ.ଫଣୀନ୍ଦ୍ର ଭୂଷଣ ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନର ସଭାମୁଖ୍ୟ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଭାଷା ଜାତୀୟତାର ମୂଳଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ଶ୍ରୀକାନ୍ତ କୁମାର ବାରିକ ସଂଯୋଜନା କରିଥିଲାବେଳେ ଡ. ଅଭିମନ୍ୟୁ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଥମ୍ବ, ସୀତାଂଶୁ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ସନ୍ଧ୍ୟାରାଣୀ ସ୍ୱାଇଁ ଓ ବହୁ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ମାଟି ଅତଡ଼ା ଖସି ଶ୍ରମିକ ମୃତ

ଛେଣ୍ଡିପଦା,୧୦।୯ (ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଧଉରାଖମଣ ନିକଟରେ ମାଟି ଅତଡା ଖସିପଡି ଶନିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ବ୍ଲକରେ ଏକ କମ୍ପାନୀ ମେଗା ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ଛେଣ୍ଡିପଦାରୁ ହାଣ୍ଡିଗୋଡା ଯାଇଥିବା ପାଇପ ଲାଇନ ବିଛାଯାଇଛି। ଶନିବାର ରାତି ୮ଟା ବେଳେ ଧଉରାଖମଣ ନିକଟରେ ପାଇପ୍ ଲିକେଜ ମରାମତି କାର୍ଯ୍ୟ ଚାଲିଥିଲା। ଏହି ସମୟରେ କୋଶଳା ଗ୍ରାମର ସନୁ ରାଉଳ ୫ ଫୁଟ ଗାତ ଭିତରେ ପଶି କାର୍ଯ୍ୟ କରୁଥିବା ବେଳେ ପାର୍ଶ୍ୱରେ ଗଦା ହୋଇଥିବା ମାଟି ଅତଡା ଖସି ପଡିବାରୁ ସେ ଗାତରେ ପୋତି ହୋଇଯାଇଥିଲେ। ଦୀର୍ଘ ୧ ଘଣ୍ଟା ପରିଶ୍ରମ ପରେ ଗାତରୁ ତାଙ୍କୁ ଉଦ୍ଧାର କରାଯାଇ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସନୁଙ୍କୁ ମୃତ ଘୋଷଣା କରିଥିଲେ। କମ୍ପାନୀ ପକ୍ଷରୁ ଶ୍ରମିକଙ୍କ ସୁରକ୍ଷା ଦିଗରେ ଅବହେଳା କରାଯାଇଥିବାରୁ ସନୁଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ସନୁ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ କମ୍ପାନୀ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

## ଭବିଷ୍ୟତ ଗଠନରେ ସହାୟକ ହେବ ଶିକ୍ଷାନୀତି

ତାଳଚେର, ୧୦।୯ (ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଶିକ୍ଷାନୀତି–୨୦୨୦ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ମଧୁସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡ. ବିନୟ କୁମାର ଖିଲାର ଯୋଗଦେଇ ନୂତନ ଶିକ୍ଷାନୀତି ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ତଥା ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅଶୋକ ପ୍ରସନ୍ନ ଶରଣ ଯୋଗଦେଇ ରାଷ୍ଟ୍ରୀୟ ଶିକ୍ଷାନୀତି ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି କହିଥିଲେ। ପ୍ରାଧ୍ୟାପିକା ଜୟଶ୍ରୀ ତିୱାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ପ୍ରାଧ୍ୟାପକ ଡ. ଦେବୀ ପ୍ରସାଦ ମିଶ୍ର, ଡ. ପ୍ରଶାନ୍ତ କୁମାର ରଥ, ପ୍ରାଧ୍ୟାପିକା ଡ. କଳ୍ପନା ବୋଇତି, ମେଜର ସୁବ୍ରତ ଦାସ, ଅଧ୍ୟାପିକା ଡ. ସଂଯୁକ୍ତା ବେବର୍ତ୍ତା, ଜୟନ୍ତ ମହାରଣା, ନବକିଶୋର ମହାପାତ୍ର, ଡ. ଓମ୍ ବାଂଗ୍ମୟୀ କବିକନ୍ୟା, ଅପସନା ବେଗମ୍, ସୁପ୍ରଭା ବେହେରା, ରୁବିନା ବେହେରା, ରଞ୍ଜିତ କୁମାର ସାହୁ, ହରେଶ ଚନ୍ଦ୍ର ବେହେରା, ଅଶୋକ କୁମାର ବେହେରା, ରାକେଶ କୁମାର ମଲ୍ଲିକଙ୍କ ସହିତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ଶାଶାଙ୍କ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଦର୍ଶନ ବିଭାଗ ଅଧ୍ୟାପିକା ସୁଜାତା ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

## ୧୧୨ ଛାତ୍ରୀଛାତ୍ର ପାଇଲେ ପୋଷାକ

ବଇଣ୍ଡା,୧୦।୯(ଡି.ଏନ.ଏ)

କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ଡଙ୍ଗାପାଳ ସେବାଶ୍ରମ ବିଦ୍ୟାଳୟରେ ବୁଧବାର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଞ୍ଚାନନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ଯୋଗଦେଇ ୧୧୨ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ବିଦ୍ୟାଳୟ ସଭାପତି ଜଗତ କୁମାର ପ୍ରଧାନ, ସହକାରୀ ଶିକ୍ଷକ ଅଖିଳ ପ୍ରଧାନ, ଶକୁନ୍ତଳା କଅଁର, ଦେବେନ୍ଦ୍ର ମିର୍ଦ୍ଧା, ସୁମିତ୍ରା ସାହୁ, ରବୀନ୍ଦ୍ର ନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି।

## ଗୁରୁ–ଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ



ଅତିଥି, କର୍ମକର୍ତ୍ତାଙ୍କ ସହ ଉପସ୍ଥିତ କବୟିତ୍ରୀ ଓ କବିମାନେ।

ତାଳଚେର, ୧୦।୯ (ନି.ପ୍ର.)

ତାଳଚେର ବ୍ଲକସ୍ଥିତ ସାରସ୍ୱତ ଅନୁଷ୍ଠାନ ନବୋଦୟ ସାହିତ୍ୟର ପରିଭାଷା ପରିବାର ପକ୍ଷରୁ ଗୁରୁଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ଲିଙ୍ଗରାଜ ରୋଡ୍ ନିକଟସ୍ଥ ସୌଭାଗ୍ୟମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶିକ୍ଷାବିତ୍ ଡ. ପ୍ରଶାନ୍ତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଇନ୍ଦିରା ଦାଶ, ମୁଖ୍ୟବକ୍ତା ଭାବେ ଡ. ଧରଣୀଧର ନାଥ ଓ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଯଦୁମଣି ସାହୁ ଯୋଗଦେଇ ଗୁରୁ–ଶିଷ୍ୟ ସମ୍ପର୍କ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଅନୁଷ୍ଠାନ ସମ୍ପାଦିକା ଦୀପ୍ତିରାଣୀ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ଡ. କଳ୍ପନା ବୋଇତିଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବୟିତ୍ରୀ ଜ୍ୟୋତ୍ସ୍ନା ମଞ୍ଜରୀ ସାମନ୍ତ, ଗୀତାମୟୀ ମହାପାତ୍ର, ଶାନ୍ତିଲତା ରଥ, ପୁରୁଷୋତ୍ତମ ସିଂହସାମନ୍ତ, ଧୀରେନ ମିଶ୍ର, ପିଙ୍କୁ ରଣବିଡା, ପ୍ରଫୁଲ୍ଲ ମହାପାତ୍ର, ସୁନୀଲ ସିଂହ, ଋଷଭ ବେହେରା, ପ୍ରଣବ ଗଡ଼ନାୟକ, ସୁକାନ୍ତ ଦାଶ, ଗୋଲାପ ନନ୍ଦ, ରାହୁଲ ଗଡ଼ନାୟକ, ଅନୁପମା ପ୍ରଧାନ, କଳ୍ପନା ନାଏକ, ଶୋଭାଗିନୀ ଦାସ, ବାଉରୀବନ୍ଧୁ ବେଜ, ଗୁଣନିଧି ସାମଲ, ସନ୍ତୋଷ ଗଡ଼ନାୟକ, ବୀଣାପାଣି ସାହୁ ପ୍ରମୁଖ ଯୋଗ ଦେଇ କବିତା ପାଠ କରିଥିଲେ। ଅନୁଷ୍ଠାନ ସଭାପତି ଡ. ରଥ ସମୀକ୍ଷା କରିଥିଲେ।

## ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଛେଣ୍ଡିପଦା, ୧୦।୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ଲକ୍ଷ୍ମୀ ବଜାରରେ ସ୍ମୃତିରାଣୀ ଫାଉଣ୍ଡେଶନର ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ସମ୍ମିଳନୀ ଅନୁଗୋଳ ସଭାପତି ବିଶ୍ୱ ରଞ୍ଜନ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦିଲୀପରାଜ ପ୍ରଧାନ ଯୋଗ ଦେଇଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସଭାପତି ଦୀପକ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଆଇନ ବିଭାଗ ଛାତ୍ର ଟଙ୍କଧର ନାଥ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କଳା, ସାହିତ୍ୟ, କ୍ରୀଡ଼ା ଓ ସାମାଜିକ କର୍ମୀମାନଙ୍କୁ ମାନପତ୍ର ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ଷୀର ମୋହନ ନାଥଙ୍କୁ ପାଲା ପରିବେଷଣ ନିମନ୍ତେ, ଦିଲୀପ ରାଜ ପ୍ରଧାନଙ୍କୁ ସାହିତ୍ୟ, ବାପୁଜୀ ପ୍ରଧାନ ଓ ଉମାକାନ୍ତ ପଟ୍ଟନାୟକଙ୍କୁ ସମାଜ ସେବା କ୍ଷେତ୍ର ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା




ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଲକ୍ଷ୍ମୀ ବଜାରସ୍ଥିତ କଳିଙ୍ଗ ଯୁବ ବିକାଶ କେନ୍ଦ୍ର ପକ୍ଷରୁ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୭ ବର୍ଷରୁ ୧୨ ବର୍ଷ ବୟସ ମଧ୍ୟରେ ଥିବା ପ୍ରତିଭା ସମ୍ପନ୍ନ ସ୍ଥାନୀୟ ନୃତ୍ୟ ଶିଳ୍ପୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ରଜେନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିନୋଦ କୁମାର ସାମଲ ଓ ସଂଗ୍ରାମ ଦାସ ବିଚାରକ ଭାବେ ଯୋଗଦେଇଥିଲେ। ବିଶ୍ୱରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ସାଇ ସନ୍ଧ୍ୟା ବେହେରା ପ୍ରଥମ, ଆରାଧନା ପ୍ରଧାନ ଦ୍ୱିତୀୟ ଓ ପ୍ରଜ୍ଞା ପାରମିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ୱାଗତିକା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାକେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## ସୁଷମ, ସନ୍ତୁଳିତ ଖାଦ୍ୟ ସମ୍ପର୍କରେ ସଚେତନତା

ତାଳଚେର,୧୦।୯(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି। ଡାକ୍ତର ଭାଗ୍ୟଲକ୍ଷ୍ମୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଡା. ଷଡଙ୍ଗୀ ଜାତୀୟ ପୁଷ୍ଟି ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଗର୍ଭବତୀ, ପ୍ରସୂତି, କିଶୋରୀ, ବାଳିକା ଓ ଶିଶୁମାନଙ୍କ ଠାରେ ଦେଖାଯାଉଥିବା ଅପପୁଷ୍ଟିର କାରଣ, ଲକ୍ଷଣ ତଥା ନିରାକରଣ, ସୁଷମ ଖାଦ୍ୟ ପ୍ରସ୍ତୁତି ଓ ସନ୍ତୁଳିତ ଖାଦ୍ୟ ଗ୍ରହଣ ଉପରେ ମହିଳାମାନଙ୍କୁ ସଚେତନତା କରାଇଥିଲେ। ଏହାସହିତ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୁସ୍ଥ ଶିଶୁ ପ୍ରତିଯୋଗିତା ଆୟୋଜନ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। କଳମଛୁଇଁ ଗ୍ରାମରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପଥପ୍ରାନ୍ତ ପାଲା ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍ ସ୍ୱର୍ଣ୍ଣଲତା ଭୋଇ, ପ୍ରତିମା ସାହୁଙ୍କ ସମେତ ସମସ୍ତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଡାକ୍ତରଙ୍କ ସହ ଅଶାକର୍ମୀ ଓ ଅନ୍ୟମାନେ।

## ଗୁରୁଙ୍କୁ ପୂଜିଲେ ଛାତ୍ରୀଛାତ୍ର

କଣିହାଁ,୧୦।୯(ଡି.ଏନ.ଏ)

କଣିହାଁ କଲେଜରେ ଗୁରୁଦିବସ ପାଳିତ ହୋଇଯାଇଛି। ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଅଧ୍ୟାପିକାଅଧ୍ୟାପକଙ୍କୁ ପୂଜା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧ୍ୟାପକ ଆଲୋକ ପାତ୍ର, ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ପରିଡା, ନୃସିଂହ ଦେବତା, ମଦନ ମହାନ୍ତି, ନାରାୟଣ ଦାସ, ସ୍ନେହ ଲତା ମହାପାତ୍ର, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ତାଳଚେର, ୧୦।୯ (ନି.ପ୍ର.)

ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ଅନୁଗୋଳ ଜିଲା ଶାଖା ଆନୁକୂଲ୍ୟରେ ତାଳଚେର ସ୍ୱତନ୍ତ୍ର ଉପକାରାଗାରରେ ଚାଲିଥିବା ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷକ ରୂପାଲୀ ମହାନ୍ତି ଯୋଗଦେଇ ଯୋଗ ଏବଂ ପ୍ରାଣାୟମ ଶରୀରକୁ ସୁସ୍ଥ ଓ ନିରୋଗ ରଖିବାରେ ସହାୟ ହୋଇଥାଏ ବୋଲି କହିଥିଲେ। ଜେଲ ଅଧ୍ୟକ୍ଷ ଦିଲୀପ କୁମାର ବେହେରାଙ୍କ ସହଯୋଗରେ ଅନ୍ତେବାସୀମାନେ ଏହି ଶିବିରରେ ଭାଗ ନେଇଥିଲେ। ଶାଖା ସଭାପତି ଧୀରମୋହନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସମ୍ପାଦକ ଆଶୁତୋଷ ଦାସ, ଅସିତ କୁମାର ସାହୁ, ଅତସି କୁସୁମ ଦାଶ, ଦେବାଶିଷ ପରିଡ଼ା, ବିପିନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଅନ୍ତିମ ଦିନରେ ପ୍ରଶିକ୍ଷକ ରୂପାଲୀ ମହାନ୍ତି ଓ ଉପକାରାଗାର ଅଧ୍ୟକ୍ଷ ଦିଲୀପ କୁମାର ବେହେରାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।




ଶିବିରରେ ପ୍ରଶିକ୍ଷକଙ୍କ ସହ ଶାଖା କର୍ମକର୍ତ୍ତା ଓ ଅନ୍ୟମାନେ।

## ଅପହୃତା ନାବାଳିକା ଉଦ୍ଧାର, ୩ ଗିରଫ

ବଇଣ୍ଡା,୧୦।୯(ଡି.ଏନ.ଏ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରୁ ଗୁରୁବାର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ବେଳେ ଶନିବାର ତାଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୁରୁବାର ସମ୍ପୃକ୍ତା ନାବାଳିକାଙ୍କ ମା' ହଣ୍ଡପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୪୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ କହିଛି, ସମ୍ପୃକ୍ତା ନାବାଳିକା ଘରେ ଥିବାବେଳେ ଅଭିଯୁକ୍ତ ସୁନୀଲ ପ୍ରଧାନ, ଅବନୀ ପ୍ରଧାନ, ଚୈତନ୍ୟ ପ୍ରଧାନ ତାଙ୍କୁ ଅପହରଣ କରିନେଇଥିଲେ। ଅଭିଯୋଗ ପାଇବା ପରେ ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ନାବାଳିକାଙ୍କୁ ଶନିବାର ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲେ। ଏଥିସହ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଦେଶର ପ୍ରଗତିରେ କୃଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ତାଳଚେର,୧୦।୯(ନି.ପ୍ର.)

କୋଲକାତାର ଭାରତୀୟ କୃଷି ପରିଷଦ ଅନୁସନ୍ଧାନ କେନ୍ଦ୍ର ଏବଂ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗୁରୁବାର ତାଳଚେର ପବିତ୍ରମୋହନ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ପରିସରରେ ସୁଗନ୍ଧରାଜ ବୃକ୍ଷ, ଔଷଧୀୟ ବୃକ୍ଷର ଉତ୍ପାଦନ ଏବଂ ବ୍ୟବହାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟର ଅଧ୍ୟକ୍ଷା ମୃଦୁଳା ଟି. ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦେଶର ପ୍ରଗତିରେ କୃଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଇମ୍ଫାଲ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟର କୁଳପତି ଡ. ଅନୁପମ ମିଶ୍ର, ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ଔଷଧୀୟ ବୃକ୍ଷ ଏବଂ ବ୍ୟବହାର ଅଧ୍ୟୟନ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ବରିଷ୍ଠ ବୈଜ୍ଞାନିକ ଡ. ସୁଜିତ୍ କୁମାର ନାଥ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମ୍ଫାଲ ଡିମ୍ କଲେଜର ବରିଷ୍ଠ ବୈଜ୍ଞାନିକ ଡ. ଇନ୍ଦିରା ସାରଙ୍ଗଥେମ, ଇମ୍ଫାଲ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୃଷି ସମ୍ପ୍ରସାରଣ ନିର୍ଦ୍ଦେଶକ ବୈଜ୍ଞାନିକ ପ୍ରଫେସର ରଞ୍ଜିତ ଶର୍ମା, ଜାତୀୟ ଖାଦ୍ୟ ଅନୁସନ୍ଧାନ କେନ୍ଦ୍ର କଟକର ନିର୍ଦ୍ଦେଶକ ଡ. ବି.ବି. ପାତ୍ର ପ୍ରମୁଖ ଉପସ୍ଥିତ ରହି କୃଷକମାନଙ୍କୁ ଔଷଧୀୟ ବୃକ୍ଷ, କୃଷି, ଏହାର ଉପାଦେୟ ଓ ବିନିଯୋଗ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ କୃଷି ବିଜ୍ଞାନ, ଅଧ୍ୟୟନ କ୍ଷେତ୍ରରେ ସଫଳତା ହାସଲ କରିଥିବା କେତେଜଣ କୃଷି ବିଜ୍ଞାନୀ ଏବଂ ଔଷଧୀୟ ବୃକ୍ଷ ଚାଷ କରି ସଫଳତା ହାସଲ କରିଥିବା କେତେଜଣ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

